ଓଡ଼ିଶା-ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
# ନ୍ୟୁଜ୍‌ଲେଟର

ବର୍ଷ-୪ ▪ ସଂଖ୍ୟା-୩୪

ଅକ୍ଟୋବର ୨୦୨୩

## ଭିତର ପୃଷ୍ଠାରେ


- ଛାତ୍ର ସମାଜ ପାଇଁ ପ୍ରେରଣା ବିଭୂପ୍ରସାଦ
- ମୃତ ଚାଷୀଙ୍କ ପରିବାରକୁ ସହାୟ ହେଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୨

- ଅଙ୍ଗଦାନ ପାଇଁ ପଞ୍ଜିକରଣ କଲେ ୭୫ବର୍ଷିୟା ଶାନ୍ତିଲତା
- ମୃତକଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

ପୃଷ୍ଠା-୩

- ମୃତଦେହକୁ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ସ୍ଥାନାନ୍ତର

ପୃଷ୍ଠା-୪

- ଅଭାବୀ ରୋଗୀମାନଙ୍କୁ ସହାୟତା ପ୍ରଦାନ

ପୃଷ୍ଠା-୫

- ଅଭାବୀ ରୋଗୀଙ୍କୁ ସହାୟତା ପ୍ରଦାନ
- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ପୃଷ୍ଠା-୬

- ଚିକିତ୍ସାପାଇଁ ଆସିଥିବା ଛତିଶଗଡ଼ର ଏକ ପରିବାରକୁ ସହାୟତା ପ୍ରଦାନ

ପୃଷ୍ଠା-୭

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୮

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ
- ଆମେ ଆପଣଙ୍କ ପାଇଁ ଗର୍ବିତ ବୈକୁଣ୍ଠ

ପୃଷ୍ଠା-୧୩

...ପୃଷ୍ଠା-୨୦ ପର୍ଯ୍ୟନ୍ତ


# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ସାରା ରାଜ୍ୟରେ ଆୟୋଜିତ ହୋଇଥିବା ଅନେକ ସେବା କାର୍ଯ୍ୟକ୍ରମ ମଧ୍ୟରୁ ରକ୍ତଦାନ ଶିବିର ପ୍ରମୁଖ ।

ଏହି ଅବସରରେ ବିଧାୟକ ଏବଂ ଜୀବନବିନ୍ଦୁ ସଂଯୋଜକମାନେ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରମାନ ଆୟୋଜନ କରିଥିଲେ, ଯେଉଁଠାରେ ଗୋଟିଏ ଦିନରେ ସମୁଦାୟ ୮୦୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

*ଅବଶିଷ୍ଟାଂଶ...ପୃ-୬*

# ଆନ୍ଧ୍ରରେ ଫସିଥିବା ଓଡ଼ିଆଙ୍କୁ ସହାୟତା ପ୍ରଦାନ




ଅମର ଆତ୍ମାର ସଦ୍ଗତି ପାଇଁ ପ୍ରାର୍ଥନା କରୁଛି ଓଡ଼ିଶା-ମୋ ପରିବାର

ଅକ୍ଟୋବର ୨୯ ତାରିଖ ଦିନ ଆନ୍ଧ୍ରପ୍ରଦେଶରେ ଏକ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ଘଟିଥିଲା । ବିଶାଖାପାଟଣା -ପଲାସା ଯାତ୍ରୀବାହୀ ଟ୍ରେନ୍ ଏବଂ ବିଶାଖାପାଟଣା-ରାୟଗଡ଼ା ଯାତ୍ରୀବାହୀ ଟ୍ରେନ୍ ଆଲମଣ୍ଡା ଏବଂ କଣ୍ଟାକାପଲେ ଷ୍ଟେସନ ମଧ୍ୟରେ ପରସ୍ପର ସହିତ ଧକ୍କା ହୋଇଥିଲା।

ଗୁରୁତର ଆହତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ରାତି ଅଧରେ ବିଜୟନଗରମ୍ ଏବଂ ବିଶାଖାପାଟଣା ଡାକ୍ତରଖାନା ଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା । ବିଶାଖାପାଟଣାରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶ୍ରୀ ପ୍ରକାଶ ବେହେରା ରାତିସାରା ପୀଡ଼ିତମାନଙ୍କ ପାଖରେ ଉପସ୍ଥିତ ଥିଲେ ଏବଂ ସେମାନଙ୍କ ପରିବାରକୁ ମଧ୍ୟ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ।

ସେହି ମାର୍ଗରେ ଥିବା ଅଧିକାଂଶ ଟ୍ରେନକୁ ବାତିଲ କରାଯାଇଥିଲା, ଯାହାଦ୍ୱାରା ରେଳ ଷ୍ଟେସନ ଏବଂ ବସ୍ ଟର୍ମିନାଲରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ସେମାନଙ୍କ ମଧ୍ୟରେ ଭଦ୍ରକର ୩୩ ଜଣ ଯାତ୍ରୀ ଥିଲେ, ଯେଉଁମାନେ ରେଳ ଷ୍ଟେସନରେ ଦୀର୍ଘ ସମୟ ଧରି ଅଟକି ରହିଥିଲେ। ସେମାନେ ନିଜ ଘରକୁ ଫେରିବା ପାଇଁ କୌଣସି ପରିବହନ ଧାରା ପାଇନଥିଲେ ।

ସେମାନଙ୍କ ପରିସ୍ଥିତି ସମ୍ପର୍କରେ ସୂଚନା ପାଇବା ପରେ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକ ଓଡିଶା-

*ଅବଶିଷ୍ଟାଂଶ...ପୃ-୬*

# ଛାତ୍ର ସମାଜ ପାଇଁ ପ୍ରେରଣା ବିଭୂପ୍ରସାଦ



କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ରୁ ବିଭୁପ୍ରସାଦ କୃତ୍ରିମ ଅଙ୍ଗ ଗ୍ରହଣ କରୁଛନ୍ତି

ପୁରୀ ଜିଲ୍ଲା ପିପିଲି ବ୍ଲକ ଡେଲାଙ୍ଗ ପଞ୍ଚାୟତ ଅଧିନସ୍ଥ ଖେଳରପୁର ଅଞ୍ଚଳର ସୁରେନ୍ଦ୍ର ମହାରଣାଙ୍କ ୨୨ବର୍ଷିୟ ପୁଅ ବିଭୁପ୍ରସାଦ ମହାରଣା ଅନେକଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ବିଭୁ, ଯିଏକି ଜଣେ ଉତ୍ସାହୀ ବ୍ୟକ୍ତି ଏବଂ କ୍ରୀଡା ପ୍ରତି ଆଗ୍ରହୀ ଥିଲେ । ଦୁର୍ଭାଗ୍ୟବଶତଃ, ଗତ ମାର୍ଚ୍ଚ ମାସ ୩୦ତାରିଖରେ ନିଜ ମୋଟରସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ମାଲ୍ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ, ସେ ଗୁରୁତର ଆହତ ହୋଇ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ଗତ ଏପ୍ରିଲ ୨ତାରିଖରେ ତାଙ୍କ ଡାହାଣ ଗୋଡ଼ର ଆଣ୍ଠୁ ଉପରକୁ କାଟି ଦିଆଯାଇଥିଲା । ମାତ୍ର ସେ ଭାଙ୍ଗି ପଡ଼ିନଥିଲେ । ତାଙ୍କର ସର୍ବଦା ଏକ ସକରାତ୍ମକ ମନୋଭାବ ରହିଥିଲା ଯେ, କୃତ୍ରିମ ଅଙ୍ଗ ପାଇବା ପରେ ସେ ସ୍ୱାଧୀନ ହୋଇ ପୂର୍ଣ୍ଣ ଜୀବନ ବଞ୍ଚିବେ। ଜଣେ ମେଧାବୀ ଛାତ୍ର ହୋଇଥିବାରୁ ସେ ଘରେ ଛାତ୍ର-ଛାତ୍ରୀ ମାନଙ୍କୁ ଟ୍ୟୁସନ କରିବା ଆରମ୍ଭ କରିଥିଲେ ଏବଂ ତାହାସହ ନିଜର ଅଧ୍ୟୟନ ମଧ୍ୟ ଜାରି ରଖିଥିଲେ । ସେ କେବେହେଲେ କୃତ୍ରିମ ଗୋଡ଼ର ବ୍ୟବହାର କରିନଥିଲେ । ଘଟଣା ସମ୍ପର୍କରେ ପିପିଲି ବିଧାୟକ ଶ୍ରୀ ରୁଦ୍ର ମହାରଥୀ ଜାଣିବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ସୂଚନା ଦେଇଥିଲେ । ବିଭୁଙ୍କ ବିଷୟରେ ଖବର ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା ଏବଂ ଏହି ସମଗ୍ର ପ୍ରକ୍ରିୟାକୁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ଏବଂ ଜ୍ୟୋତି ସଂଯୋଜନା କରିଥିଲେ।

ଶାରୀରିକ ଅକ୍ଷମ ବ୍ୟକ୍ତି ମାନଙ୍କୁ ସେ ନିରାଶ ନ ହେବାକୁ ଏବଂ ସକାରାତ୍ମକ ଭାବନା ରଖିବାକୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଯଦି ଜଣେ ବ୍ୟକ୍ତି ସଠିକ୍ ଲୋକ ଏବଂ ସଠିକ୍ ବାତାବରଣ ସହିତ ଯୋଡ଼ି ହୋଇ ରହିଛନ୍ତି, ତେବେ ସେ ଜୀବନରେ ଆସୁଥିବା କୌଣସି ବାଧାବିଘ୍ନକୁ ଖୁସିର ସହ ସମ୍ମୁଖୀନ କରିପାରିବେ |

# ମୃତ ଚାଷୀଙ୍କ ପରିବାରକୁ ସହାୟ ହେଲା ଓଡ଼ିଶା-ମୋ ପରିବାର

ଯାଜପୁର ଜିଲ୍ଲା ବରି ଅଞ୍ଚଳର ଜଣେ କୃଷକ ରଞ୍ଜିତ କୁମାର ସାମଲ କ୍ଷେତରେ ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ । ପରିବାର କହିଲେ ତାଙ୍କର ଚାରି ଝିଅ ଏବଂ ପତ୍ନୀ । ଅଭାବ ଅନଟନରେ ପରିବାର ଚଳାଉଥିବା ରଞ୍ଜିତ କିଡ଼ନୀ ଜନିତ ରୋଗରେ ପୀଡ଼ିତ ହୋଇ ସମ୍ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସିତ ହେଉଥିଲେ । ଦୁର୍ଭାଗ୍ୟବଶତଃ, ସେ ଗତ ଅକ୍ଟୋବର ୨୬ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ପରିବାରରେ ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କର ମୃତ୍ୟୁରେ ସ୍ତ୍ରୀ ଏବଂ ଚାରି ଝିଅ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଏବଂ ଆର୍ଥିକ ଚାପରେ ଥିବାରୁ ଶେଷକୃତ୍ୟ ନିମନ୍ତେ ରଞ୍ଜିତଙ୍କର ମୃତଶରୀର ନିଜ ଗାଁ'କୁ ନେଇ ପାରୁନଥିଲେ । ଅସହାୟ ହୋଇ ପରିବାରବର୍ଗ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାରର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କର ସାହାଯ୍ୟ ଲୋଡ଼ିଥିଲେ । ଶ୍ରୀ ସାମନ୍ତରାୟ ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାର କାର୍ଯ୍ୟାଳୟକୁ ସୂଚନା ଦେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ରଞ୍ଜିତଙ୍କର ମୃତଶରୀର ଶେଷକୃତ୍ୟ ନିମନ୍ତେ ଯାଜପୁରସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବାକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇଥିଲା । ଏହି ସମସ୍ତ ପ୍ରକ୍ରିୟାକୁ ଓଡ଼ିଶା- ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶିବ ପ୍ରସାଦ ରାଉତ ସଂଯୋଜନା କରିଥିଲେ । ମୃତଶରୀର ସ୍ଥାନାନ୍ତରଣ ସମୟରେ ଓଡ଼ିଶା-ମୋ ପରିବାର ଟିମ୍ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା କରିବା ସହିତ ପରିବାରବର୍ଗଙ୍କୁ ଆଶ୍ୱାସନା ଦେଇଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା ଯୋଗାଇ ଦିଆଯାଉଛି

# ଅଙ୍ଗଦାନ ପାଇଁ ପଞ୍ଜିକରଣ କଲେ ୭୫ବର୍ଷିୟା ଶାନ୍ତିଲତା

ଓଡିଶା- ମୋ ପରିବାର ଅତ୍ୟନ୍ତ ନିଷ୍ଠାର ସହିତ ସମାଜର ସେବା କରିଆସୁଛି ଏବଂ ଅସହାୟ ବ୍ୟକ୍ତିମାନଙ୍କର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ସହାୟତା ପ୍ରଦାନ କରାଯାଉଛି ।

ସମାଜର ସୁସ୍ଥତା ଦିଗରେ ଆଉ ପାଦେ ଆଗକୁ ଯାଇ ଏହା ବିଭିନ୍ନ ସ୍ଥାନରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରମାନ ଆୟୋଜନ କରିଆସୁଛି ଏବଂ ସମାଜ ସେବାର ଏକ ଅଂଶ ଭାବରେ ଏହା ୨୦୨୨ ମସିହା ମାର୍ଚ୍ଚ ୫ ତାରିଖରେ "ଅଙ୍ଗ ଦାନ ପଞ୍ଜୀକରଣ ଅଭିଯାନ" ଆରମ୍ଭ କରିଥିଲା। ସେହି ଦିନଠାରୁ, ୮୦୦ରୁ ଅଧିକ ଲୋକମାନେ ଆଗେଇ ଆସି ଅଙ୍ଗ ଦାନ ପାଇଁ ସ୍ୱେଚ୍ଛାକୃତ ଭାବେ ନିଜକୁ ପଞ୍ଜିକୃତ କରାଇଛନ୍ତି।



୨୦୨୩ ମସିହା ଅକ୍ଟୋବର ମାସରେ, ବର୍ଷୀୟାନ୍ ଅଭିନେତା ସ୍ୱର୍ଗତଃ, ଶ୍ରୀ ପିଣ୍ଟୁ ନନ୍ଦଙ୍କ ମାଉସୀ ଶ୍ରୀମତୀ ଶାନ୍ତିଲତା କର ଅଙ୍ଗ ଦାନ ପାଇଁ ଓଡ଼ିଶା-ମୋ ପରିବାର କାର୍ଯ୍ୟାଳୟକୁ ଆସି ନିଜକୁ ପଞ୍ଜିକୃତ କରାଇଥିଲେ।

୭୩ ବର୍ଷ ବୟସରେ ସେ ଅନେକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ଅଙ୍ଗ ଦାନର ମହତ୍ତ୍ୱ ବିଷୟରେ ସେ ନିଜର ଭାବନା ପ୍ରକାଶ



କରିଥିଲେ ଏବଂ ଏହି ମହତ କାର୍ଯ୍ୟରେ ଯୋଗଦେବାକୁ ସମସ୍ତଙ୍କୁ ନିବେଦନ କରିଥିଲେ।

# ମୃତକଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

କର୍କଟ ରୋଗରେ ପୀଡ଼ିତ, ଖୋର୍ଦ୍ଧା ଜିଲ୍ଲାର ୪୫ବର୍ଷିୟା ରେଣୁବାଳା ମହାଭୋଇଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀ ଚିକିତ୍ସା ପାଇଁ ହକଦାର ଥିଲେ କିନ୍ତୁ ଏହି ଯୋଜନା ଅଧୀନରେ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ରୋଗୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ୨୫,୦୦୦/-ଟଙ୍କା ଦେୟ ଦାଖଲ କରିବାକୁ ହସ୍ପିଟାଲ ପକ୍ଷରୁ ପରିବାରକୁ କୁହାଯାଇଥିଲା । ପରିବାରବର୍ଗ କୌଣସି ପ୍ରକାରେ ୫୦୦୦/ - ବ୍ୟବସ୍ଥା କରି ହସ୍ପିଟାଲ ପ୍ରଶାସନକୁ ଅନୁରୋଧ କରିଥିଲେ ଯେ ମୃତଦେହକୁ ଛାଡ଼ି ଦିଅନ୍ତୁ ଏବଂ ଅବଶିଷ୍ଟ ଅର୍ଥ ପରେ ଦାଖଲ କରିବାକୁ ଅନୁମତି ଦିଅନ୍ତୁ



କିନ୍ତୁ ହସ୍ପିଟାଲର କର୍ତ୍ତୃପକ୍ଷ ତାଙ୍କ ପ୍ରସ୍ତାବରେ ରାଜି ହୋଇନଥିଲେ । ପରିବାରବର୍ଗ, ଜଣେ ସ୍ୱେଚ୍ଛାସେବୀ ଶ୍ରୀ ରଂଜନ କୁମାର ଦାସଙ୍କ ସହଯୋଗ ଲୋଡ଼ିଥିଲେ । ଶ୍ରୀ ଦାସ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟଙ୍କ ସହ ଆଲୋଚନା କରିବା ପରେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶିବ ପ୍ରସାଦ ହସ୍ପିଟାଲରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଏବଂ ଅନୁରୋଧ କ୍ରମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ମାଧ୍ୟମରେ ଦେୟ ଦାଖଲ କରାଯାଇଥିଲା ଏବଂ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ସଙ୍କଟ ସମୟରେ ବହୁ ଆବଶ୍ୟକୀୟ ସାହାଯ୍ୟ ପାଇଁ ପରିବାରବର୍ଗ ଓଡ଼ିଶା-ମୋ ପରିବାରକୁ କୃତଜ୍ଞତା ଜଣାଇଥିଲେ।

# ମୃତଦେହକୁ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ସ୍ଥାନାନ୍ତର

**୧** ଭୁବନେଶ୍ୱରସ୍ଥିତ ବଡଗଡ଼ ଅଞ୍ଚଳର ୮୫ ବର୍ଷିୟା ଶ୍ରୀମତୀ ଚମ୍ପାବତୀ ଦାସ ବୃଦ୍ଧାବସ୍ଥା କାରଣରୁ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ । ପ୍ରଥମେ ତାଙ୍କର ଚିକିତ୍ସା କ୍ୟାପିଟାଲ ହସ୍ପିଟାଲରେ ଚାଲିଥିଲା ପରେ ସେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସାଧିନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଚମ୍ପାବତୀ ନିଜ ସାନ ପୁଅ ଓ ବୋହୂଙ୍କ ସହିତ ଭୁବନେଶ୍ୱରରେ ରହୁଥିଲେ । ତାଙ୍କ ପୁଅ ଗୋଟିଏ ଆୟୁର୍ବେଦିକ ମେଡ଼ିସିନ ଦୋକାନରେ କାମ କରିବା ସହିତ ବୋହୂ ଏକ ସ୍ୱେଚ୍ଛାସେବୀ ସଙ୍ଗଠନରେ କାମ କରନ୍ତି । ଏମିତି ପରିବାର ସୁଖ ଦୁଃଖରେ ଚଳୁଥିବା ବେଳେ ହଠାତ୍ ଚମ୍ପାବତୀଙ୍କର ମୃତ୍ୟୁରେ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ଓ ଶେଷକୃତ୍ୟ ସମ୍ପନ୍ନ ପାଇଁ ଅର୍ଥ ଅଭାବ ଥିବାରୁ ଅସହାୟ ହୋଇ ଜଣେ ସାମ୍ବାଦିକଙ୍କର ସାହାଯ୍ୟ ଲୋଡ଼ିଥିଲେ । ସାମ୍ବାଦିକ ଜଣକ ଘଟଣା ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ସୂଚନା ଦେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ଚମ୍ପାବତୀଙ୍କ ମୃତଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ପଠାଇବା ପାଇଁ ଯାତାୟାତ ସହାୟତା ଯୋଗାଇ ଦିଆଯାଇଥିଲା।

ଉପଯୁକ୍ତ ସମୟରେ ସହାୟତା ଯୋଗାଇ ଦେଇଥିବାରୁ ଚମ୍ପାବତୀଙ୍କ ପୁଅ ଓ ବୋହୂ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା- ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା ଯୋଗାଇ ଦିଆଯାଉଛି

---

**୨** କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିବାସୀ ସୋନୁ ନିଗମ ମହାପାତ୍ର ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପୁଅର ଅକାଳ ବିୟୋଗରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ସେମାନେ ପୁରୀ ସ୍ୱର୍ଗଦ୍ୱାରରେ ଶେଷ ରୀତିନୀତି କରିବାକୁ ଚାହୁଁଥିଲେ କିନ୍ତୁ ସେଠାକୁ ଯିବା ପାଇଁ ସେମାନେ ଆର୍ଥିକ ଚାପରେ ଥିବାରୁ ସ୍ଥାନୀୟ ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲାଙ୍କର ସାହାଯ୍ୟ ଲୋଡ଼ିଥିଲେ ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା ଯୋଗାଇ ଦିଆଯାଉଛି

ଶ୍ରୀମତୀ ଅଗ୍ରୱାଲା, ଓଡ଼ିଶା-ମୋ ପରିବାର ଜୀବନ ବିନ୍ଦୁ ସଂଯୋଜକ (କଟକ ସହର) ଶ୍ରୀ ରଂଜନ ବିଶ୍ୱାଳଙ୍କ ସହ ଆଲୋଚନା କରିବା ପରେ ଶ୍ରୀ ବିଶ୍ୱାଳ ତୁରନ୍ତ ହସ୍ପିଟାଲରେ ପହଞ୍ଚି ଶେଷ ରୀତିନୀତି ପାଇଁ ମୃତଦେହକୁ ଡାକ୍ତରଖାନାରୁ ପୁରୀ ସ୍ୱର୍ଗଦ୍ୱାରକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ।

ଓଡ଼ିଶା- ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ଏବଂ ସନ୍ତୋଷ ଦାସ ଏହି ପ୍ରକ୍ରିୟାକୁ ସଂଯୋଜନା କରିଥିଲେ |

# ଅଭାବୀ ରୋଗୀମାନଙ୍କୁ ସହାୟତା ପ୍ରଦାନ

**୧** ମଧୁମେହ କାରଣରୁ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ କଟକର ବାସିନ୍ଦା ୬୪ବର୍ଷିୟା ପ୍ରମିଳା ନାୟକ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭୁବନେଶ୍ୱରର ହାଇ-ଟେକ୍ ହସ୍ପିଟାଲ ଯାଇଥିଲେ। ତାଙ୍କ ସହିତ ତାଙ୍କ ସ୍ୱାମୀ ମଧ୍ୟ ଥିଲେ।

ପରାମର୍ଶ ନେବା ପରେ ଜଣାପଡିଥିଲା ଯେ, ତାଙ୍କ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣରେ ରହୁନଥିଲା ଏବଂ ଏହି କାରଣରୁ ତାଙ୍କ ଚକ୍ଷୁ ମଧ୍ୟ ପ୍ରଭାବିତ ହୋଇଥିଲା । ତାଙ୍କୁ ପ୍ରାୟ ୫୦୦୦/ - ମୂଲ୍ୟର ଔଷଧ ସେବନ ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ଉପଯୁକ୍ତ ଚିକିତ୍ସା ପାଇଁ ଆଡ଼ମିଶନ ହେବାକୁ ପରାମର୍ଶ ଦିଆଯାଇଥିଲା । ଉଭୟ ବୃଦ୍ଧ ଦମ୍ପତ୍ତି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇ ଡାକ୍ତରଖାନାରେ ଅସହାୟ ଭାବରେ ବସିଥିଲେ। ଏହା ଆମର ହେଲ୍ପଡେସ୍କ ସହଯୋଗୀ ବିକାଶ ବେହେରାଙ୍କ ନଜରକୁ ଆସିଥିଲା ।

ସେମାନଙ୍କ ସହ ଆଲୋଚନା ପରେ, ବିକାଶ ଜାଣିବାକୁ ପାଇଥିଲେ ଯେ, ଶ୍ରୀମତୀ ନାୟକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସିତ ହେବାର ଅଧିକାର ଥିଲା କିନ୍ତୁ ସେ କିମ୍ବା ତାଙ୍କ ସ୍ୱାମୀ ସମାନ ବିଷୟରେ ଅବଗତ ନଥିଲେ। ବିକାଶ, ତୁରନ୍ତ ଏହି ଯୋଜନା ଅନ୍ତର୍ଗତ ଆଡମିଶନ ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିଥିଲେ ।

ସେ ସମ୍ପୂର୍ଣ୍ଣ ଚିକିତ୍ସା ପ୍ରକ୍ରିୟାରେ ରୋଗୀର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝୁଥିଲେ ଏବଂ ରୋଗୀ ସୁସ୍ଥ ହୋଇ ଡିସ୍ଚାର୍ଜ ହେବା ପରେ ବିକାଶ ତାଙ୍କୁ କଟକ ସ୍ଥିତ ତାଙ୍କ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।



ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା ଯୋଗାଇ ଦିଆଯାଉଛି

**୨** ସମ୍ବଲପୁର ଜିଲ୍ଲାର ୬୨ବର୍ଷିୟା ଶୁଭାସିନୀ କୁମ୍ଭାର ଦୀର୍ଘ ସମୟ ଧରି ଛାତି ଯନ୍ତ୍ରଣା ଓ କାଶ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କ ପୁଅ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ଯାଇଥିଲେ କିନ୍ତୁ ଦୀର୍ଘ ସମୟ ଧରି ଉଭୟ ଡାକ୍ତରଖାନା ପରିସରରେ ବୁଲୁଥିଲେ। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ନରେନ୍ଦ୍ର ସୁନା ତାଙ୍କୁ ଏପରି ଅବସ୍ଥାରେ ଦେଖିବା ପରେ ସେମାନଙ୍କ ନିକଟକୁ ଯାଇ ଜାଣିବାକୁ ପାଇଥିଲେ ଯେ, ସେମାନେ ପ୍ରଥମ ଥର ପାଇଁ ସେହି ହସ୍ପିଟାଲ ଯାଇଥିବାରୁ ହସ୍ପିଟାଲର ପ୍ରକ୍ରିୟା ବିଷୟରେ ଅବଗତ ନଥିଲେ। ତେଣୁ ସଙ୍ଗେସଙ୍ଗେ ନରେନ୍ଦ୍ର ସେମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ଆବଶ୍ୟକ ପରୀକ୍ଷଣ ପରେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ତୀବ୍ର ଯକ୍ଷ୍ମା ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ପରାମର୍ଶ ଦିଆଯାଇଥିଲା। ଚିକିତ୍ସା ପ୍ରକ୍ରିୟାରେ ନରେନ୍ଦ୍ର ରୋଗୀଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ଏବଂ ସୁସ୍ଥ ହେବା ପରେ ସେ ସେମାନଙ୍କୁ ନିଜ ବାସଭବନକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।



ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ନରେନ୍ଦ୍ର

**୨** ଥାଇରଏଡ୍ କର୍କଟ ରୋଗରେ ପୀଡ଼ିତ ସୁନ୍ଦରଗଡ଼ ଜିଲ୍ଲାର ୬୩ବର୍ଷିୟ ଭୁବନ ପ୍ରଧାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ପଠାଯାଇଥିଲା।

ସେ ହସ୍ପିଟାଲରେ ସମ୍ପୂର୍ଣ୍ଣ ଏକୁଟିଆ ଥିଲେ ଏବଂ ତାଙ୍କୁ ଦେଖିବା ପରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କ ପାଖରେ ଉପସ୍ଥିତ ରହି ଆଡ଼ମିଶନ ପ୍ରକ୍ରିୟାରେ ତାଙ୍କୁ ସାହାଯ୍ୟ କରିଥିଲେ। ରୋଗୀଙ୍କୁ ତୁରନ୍ତ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦିଆଯାଇଥିଲା ଏବଂ ସୋମନାଥ ରୋଗୀଙ୍କ ପାଖରେ ରହି ସେହି ସମୟରେ ଏବଂ ଅସ୍ତ୍ରୋପଚାର ପରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ। ପରେ, ଭୁବନଙ୍କର ସୁନ୍ଦରଗଡ଼ ଠାରେ ନିଜ ଜନ୍ମସ୍ଥାନକୁ ନିରାପଦରେ ଫେରିବା ପାଇଁ ସୋମନାଥ ଯାତାୟାତ ବ୍ୟବସ୍ଥା କରିଥିଲେ।



ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ସୋମନାଥ

# ଅଭାବୀ ରୋଗୀଙ୍କୁ ସହାୟତା ପ୍ରଦାନ

୪ କେନ୍ଦ୍ରାପଡା ସହରର ୫୫ ବର୍ଷିୟ ବାସିନ୍ଦା ଗିରିଧାରୀ ପ୍ରଧାନଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ଆଡ଼ମିଶନ ସମୟରେ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଚିକିତ୍ସାର ସମସ୍ତ ପ୍ରକ୍ରିୟା ସମୟରେ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ।


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ସନ୍ତୋଷ

ସୁସ୍ଥ ହେବା ପରେ ସେ ତାଙ୍କ ପତ୍ନୀଙ୍କ ସହ ଡାକ୍ତରଖାନାର ବାରଣ୍ଡାରେ ଅସହାୟ ଭାବରେ ବସିଥିଲେ, କାରଣ ସେମାନେ ନିଜ ଘରକୁ ଫେରିବା ପାଇଁ ଆର୍ଥିକ ଚାପରେ ଥିଲେ। ସେମାନଙ୍କୁ ଅସହାୟ ଅବସ୍ଥାରେ ଦେଖିବା ପରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଆମର ଜୀବନ ବିନ୍ଦୁ ସଂଯୋଜକ ଶ୍ରୀ ରଞ୍ଜନ ବିଶ୍ୱାଳଙ୍କ ସହ ଏହି ବିଷୟରେ ଆଲୋଚନା କରିବା ପରେ ଶ୍ରୀ ବିଶ୍ୱାଳ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କୁ କେନ୍ଦ୍ରାପଡ଼ାସ୍ଥିତ ନିଜ ଘରକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ଯାତାୟାତ ବ୍ୟବସ୍ଥା କରିଥିଲେ।

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

# ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଗୋଟିଏ ଦିନରେ ୫୯୧, ୫୮୫ ଏବଂ ୫୬୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିବାରୁ ଓଡିଶା-ମୋ ପରିବାର ପକ୍ଷରୁ ବିଧାୟକ ଶ୍ରୀ ବିକ୍ରମ ପଣ୍ଡା, ଶ୍ରୀ ପ୍ରତାପ ଜେନା ଏବଂ ମନ୍ତ୍ରୀ ଶ୍ରୀ ସାରଦା ପ୍ରସାଦ ନାୟକ ତଥା ସେମାନଙ୍କର ସମ୍ପୃକ୍ତ ସଂଯୋଜକମାନଙ୍କୁ ଅଭିନନ୍ଦନ।

ଏହା ବ୍ୟତୀତ ପୁରୀ ଜିଲ୍ଲା ଜୀବନ ବିନ୍ଦୁ ସଂଯୋଜକ ଶ୍ରୀ ସୁବାଶିଷ ଖୁଣ୍ଟିଆ,ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ଏକ ବିଶାଳ ବୃକ୍ଷରୋପଣ ଅଭିଯାନ ଆୟୋଜନ କରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।


ପୁରୀରେ ବୃକ୍ଷରୋପଣ ଅଭିଯାନ

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

# ଆନ୍ଧ୍ରରେ ଫସିଥିବା...

ମୋ ପରିବାର ସହ ଆଲୋଚନା କରିଥିଲେ ଏବଂ ସଙ୍ଗେ ସଙ୍ଗେ ସେହି ୩୩ ଜଣ ଯାତ୍ରୀଙ୍କ ପାଇଁ ଭଦ୍ରକସ୍ଥିତ ନିଜ ଗ୍ରାମକୁ ଫେରିବା ପାଇଁ ଏକ ବସ୍ ବ୍ୟବସ୍ଥା କରାଇଥିଲେ ।

ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରକାଶ ବେହେରା ସଂଯୋଜନା କରିଥିଲେ । ଶ୍ରୀ ମଲ୍ଲିକ ଭଦ୍ରକ ଠାରେ ଯାତ୍ରୀମାନେ ପହଞ୍ଚିବା ପରେ ସେମାନଙ୍କୁ ଭେଟିଥିଲେ । ସେମାନଙ୍କର ଆବଶ୍ୟକତା ସମୟରେ ସହାୟତା ଯୋଗାଇ ଦେଇଥିବାରୁ ସେମାନେ ଅଶେଷ କୃତଜ୍ଞତା ଜଣାଇଥିଲେ ।


ରେଳ ଷ୍ଟେସନରେ ଯାତ୍ରୀମାନେ ଅପେକ୍ଷାରତ



ରୋଗୀଙ୍କୁ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା


ଯାତ୍ରୀମାନଙ୍କୁ ବିଧାୟକ ଶ୍ରୀ ସଞ୍ଜୀବ ମଲ୍ଲିକ ଭେଟୁଛନ୍ତି

# ଚିକିତ୍ସାପାଇଁ ଆସିଥିବା ଛତିଶଗଡ଼ର ଏକ ପରିବାରକୁ ସହାୟତା ପ୍ରଦାନ

କିଡ଼ନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ଛତିଶଗଡ଼ର ୭୨ବର୍ଷିୟ ଭରତ ଲାଲ ଗୁପ୍ତାଙ୍କୁ ବରଗଡ଼ର ବିକାଶ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥଲା ।

ଚିକିତ୍ସା ସମୟରେ ମଧ୍ୟରାତ୍ରିରେ ରୋଗୀ ପାଇଁ ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ହସ୍ପିଟାଲରେ ଉପଲବ୍ଧ ନଥିଲା । ରୋଗୀଙ୍କ ପୁଅ ନିଶାନ୍ତ ଗୁପ୍ତା କୌଣସି ପ୍ରକାରେ ଆମର ବରଗଡ଼ ଜିଲ୍ଲା ଜୀବନବିନ୍ଦୁ ସଂଯୋଜକ ଶ୍ରୀ ଗୌରହରୀ ମିଶ୍ରଙ୍କ ସହ ଯୋଗାଯୋଗ କରି ତାଙ୍କୁ ରକ୍ତର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ।

ବିଳମ୍ବିତ ରାତିରେ ନିଶାନ୍ତ ପରିବହନର କୌଣସି ସନ୍ଧାନ ପାଇପାରିନଥିଲେ, ତେଣୁ ଶ୍ରୀ ମିଶ୍ର ତୁରନ୍ତ ଡାକ୍ତରଖାନାକୁ ଏକ ସ୍ୱେଚ୍ଛାସେବୀ ପଠାଇଥିଲେ, ଯିଏ ନିଶାନ୍ତଙ୍କୁ ଡାକ୍ତରଖାନାଠାରୁ ପ୍ରାୟ ୧୫- ୨୦ କିଲୋମିଟର ଦୂରରେ ଥିବା ବ୍ଲଡ ବ୍ୟାଙ୍କକୁ ନେଇ ରକ୍ତର ବ୍ୟବସ୍ଥା କରି ରୋଗୀଙ୍କୁ ପ୍ରଦାନ କରିଥିଲେ ।

ପରଦିନ ଶ୍ରୀ ମିଶ୍ର, ନିଜେ ହସ୍ପିଟାଲ ଯାଇ ରୋଗୀଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ହସ୍ପିଟାଲ ପରିଚାଳନା କମିଟି ସହ ଆଲୋଚନା କରିଥିଲେ।

ବିଳମ୍ବିତ ରାତିରେ ତାଙ୍କୁ ମିଳିଥିବା ସାହାଯ୍ୟ ପାଇଁ ନିଶାନ୍ତ ଖୁସିରେ ବିଭୋର ଯାଇଥିଲେ। ଆବଶ୍ୟକ ସମୟରେ ତାଙ୍କୁ ସହାୟତାର ହାତ ବଢାଇଥିବାରୁ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଶ୍ରୀ ଗୌରହରି ମିଶ୍ରଙ୍କୁ ଅଶେଷ କୃତଜ୍ଞତା ଜଣାଇଥିଲେ।


ରୋଗୀଙ୍କ ସହିତ ଜୀବନବିନ୍ଦୁ ସଂଯୋଜକ ଶ୍ରୀ ଗୌରହରି ମିଶ୍ର


ମଧ୍ୟରାତ୍ରିରେ ରୋଗୀଙ୍କ ପୁଅ ରକ୍ତ ଗ୍ରହଣ କରୁଛନ୍ତି

"श्री गौरहरी जी बहुत ही अच्छे इंसान हे। हम पहली बार जब उनसे बात किये, वो तुरंत हमें सहायता देने के लिए तैयार होगये। रात के ढाई बजे, एक परिवार के तरह वो हमारा बहुत सहयोग किये। उनसे मिलके बहुत अच्छा लगा, समाज में ऐसे जिम्मेदार लोग और भी होना चाहिए जो आधी रात को भी साधारण जनता की सहायता के लिए तैयार रहते हैं। हमें वहां अस्पताल में BSKY योजना के बारे में भी पता चला और उसके लिए श्री नवीन पटनायक जी को भी बहुत बहुत धन्यवाद, ईस योजना के माध्यम से लोगों को जितना सुबिधा मिल रहा है, वह बहुत अच्छा है।"

**– Nishant Gupta**

# ହେଲ୍ଥଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ


ରୋଗୀଙ୍କ ଭାଇ ରକ୍ତ ଗ୍ରହଣ କରୁଛନ୍ତି

କର୍କଟ ରୋଗରେ ପୀଡ଼ିତ ଜଗତସିଂହପୁର ଜିଲ୍ଲାର ୪୭ବର୍ଷିୟ ବାସିନ୍ଦା ରମେଶ ବେହେରାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ରୋଗୀଙ୍କର ବିରଳ A-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ପରିବାରବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇ ସଂଦୀପଙ୍କର ସହଯୋଗ ଲୋଡ଼ିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ସଙ୍ଗେ ସଙ୍ଗେ ସନ୍ଦୀପ ରୋଗୀ ପାଇଁ ଆବଶ୍ୟକୀ ରକ୍ତ ୟୁନିଟ୍ ଯୋଗାଡ଼ କରିଥିଲେ।

ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ବ୍ରହ୍ମପୁର ସହରର ୬୯ବର୍ଷିୟ ବାସିନ୍ଦା ପଞ୍ଚାନନ ମହାରଣାଙ୍କୁ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ଗିରିଜା ଶତପଥି ରୋଗୀଙ୍କ ପାଖରେ ଉପସ୍ଥିତ ରହି ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ ।

ଚିକିତ୍ସା ସମୟରେ ବିରଳ AB + ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଏବଂ ପରିବାରବର୍ଗ ରକ୍ତ ଯୋଗାଡ଼ କରି ପାରିନଥିଲେ ଏବଂ ଗିରିଜାଙ୍କର ସାହାଯ୍ୟ ଲୋଡ଼ିଥିଲେ । ଗିରିଜା ଉପଯୁକ୍ତ ସମୟରେ ରୋଗୀଙ୍କ ପାଇଁ ରକ୍ତ ଯୋଗାଡ଼ କରି ଦେଇଥିଲେ



ରୋଗୀଙ୍କ ଭଣଜା ରକ୍ତ ଗ୍ରହଣ କରୁଛନ୍ତି


ରୋଗୀଙ୍କ ସହିତ ହେଲ୍ଥଡେ଼ସ୍କ ସହଯୋଗୀ ସନ୍ଦୀପ

କିଡ଼ନୀ ରୋଗରେ ପୀଡ଼ିତ କଟକ ଜିଲ୍ଲାର ୫୪ ବର୍ଷିୟା ଜରିନା ବେଗମଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆଡ଼ମିଶନ ସମୟରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ରୋଗୀଙ୍କୁ ଡାଏଲିସିସ୍ କରିବାକୁ ପଡ଼ିଥିଲା ଏବଂ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ପରିବାର ଯୋଗାଡ଼ କରିବାରେ ଅସମର୍ଥ ହୋଇଥିଲେ । ଏ ସମ୍ପର୍କରେ ସନ୍ଦୀପ ଜାଣିବା ପରେ ଡାଏଲିସିସ୍ ସମୟରେ ରୋଗୀ ପାଇଁ ଆବଶ୍ୟକ ରକ୍ତ ୟୁନିଟ୍ ବ୍ୟବସ୍ଥା କରିଥିଲେ।

# ହେଲ୍ଥଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ରୋଗୀଙ୍କ ସହିତ ହେଲ୍ଥଡେସ୍କ ସହଯୋଗୀ ପ୍ରକାଶ

କିଡ଼ନୀ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ କଳାହାଣ୍ଡିର ୬୩ବର୍ଷିୟ କମଳ ନାୟକଙ୍କୁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲକୁ ରେଫର୍ କରାଯାଇଥିଲା।

ଡାକ୍ତରଙ୍କ ପରାମର୍ଶ ନେବା ପରେ ରୋଗୀଙ୍କୁ ଡାୟଲିସିସ୍ ପାଇଁ ପରାମର୍ଶ ଦିଆଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ପ୍ରକାଶ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଆଡ଼ମିଶନ ସମୟରେ ରୋଗୀଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଚିକିତ୍ସା ଚାଲିଥିବା ସମୟରେ ମଧ୍ୟ ସେ ରୋଗୀଙ୍କୁ ସାହାଯ୍ୟ କରିଥିଲେ।

ଦୀର୍ଘ ଦିନ ଧରି ଚକ୍ଷୁ ସଂକ୍ରମଣରେ ପୀଡ଼ିତ କଳାହାଣ୍ଡି ନିବାସୀ ଲଖନ ନାୟକ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ରୋଜାଲିନ୍ ପଣ୍ଡା ରୋଗୀଙ୍କ ପାଖରେ ଉପସ୍ଥିତ ଥିଲେ ଏବଂ ଡାକ୍ତରଖାନାରେ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ । ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ରୋଜାଲିନ୍ ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଅସ୍ତ୍ରୋପଚାର କରିବାକୁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।


ହସ୍ପିଟାଲରେ ରୋଗୀ


ରୋଗୀଙ୍କ ସହିତ ହେଲ୍ଥଡେସ୍କ ସହଯୋଗୀ ହିମାଂଶୁ

ହାର୍ନିଆ ରୋଗରେ ପୀଡ଼ିତ କଳାହାଣ୍ଡି ଜିଲ୍ଲାର ୪୬ବର୍ଷିୟ ନରେନ୍ଦ୍ର ନାୟକ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ରେଫର୍ କରାଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ତାଙ୍କର ଅସ୍ତ୍ରୋପଚାର କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ହିମାଂଶୁ ରୋଗୀଙ୍କୁ ସାହାଯ୍ୟ କରିଥିଲେ ଏବଂ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ।

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡ଼ିଶା-ମୋ ପରିବାର, 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିରମାନ ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ରାଜ୍ୟର ସମସ୍ତ ରକ୍ତ ଭଣ୍ଡାରକୁ ରକ୍ତ ଯୋଗାଣରେ ଏକ ପ୍ରମୁଖ ଅଂଶିଦାର ଭାବେ ରକ୍ତ ଯୋଗାଇ ଆସୁଛି। ରକ୍ତ ଭଣ୍ଡାର ଗୁଡ଼ିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ଅକ୍ଟୋବର ମାସରେ ସମୁଦାୟ **୧୫୪୫୬** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




ଜିଲ୍ଲା ସ୍ତରରେ ରକ୍ତ ସଂଗ୍ରହ (ୟୁନିଟ୍ ରେ)




## ଶ୍ରେଷ୍ଠ ପ୍ରଦର୍ଶନକାରୀ
### ଜିଲ୍ଲା ସଂଯୋଜକ
**ଅକ୍ଟୋବର ୨୦୨୩**



**ଶ୍ରୀ ରଞ୍ଜନ ବିଶ୍ୱାଳ**
କଟକ ନଗର - ୨୫୩୮ ୟୁନିଟ୍



**ଶ୍ରୀ ବିମଳ ଚନ୍ଦ୍ର ଦାସ**
ଯାଜପୁର - ୧୫୩୧ ୟୁନିଟ୍



**ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ**
ବାଲେଶ୍ୱର - ୧୪୩୦ ୟୁନିଟ୍

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଅକ୍ଟୋବର ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୨୧୦ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୨୨ ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି ।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ମମତା ରାଉତ | ୪୨ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୨ | ଟି ସୁକାନ୍ତି ପାତ୍ର | ୨୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କେନ୍ଦୁଝର |
| ୩ | ଅରୁଣ ଭୂୟାଁ | ୭୦ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୪ | ସି.ଏଚ୍. ନମିତା | ୪୦ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୫ | ଜରିନା ବେଗମ | ୫୪ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | O- | କଟକ |
| ୬ | ସକୁନ୍ତଳା ବାରିକ | ୬୮ ବର୍ଷ | ୨ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୭ | ନର୍ମଦା ନାୟକ | ୩୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୮ | ରାଜେନ୍ଦ୍ର ବେହେରା | ୪୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଜଗତସିଂହପୁର |
| ୯ | ମିନତି ଦାସ | ୫୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କଟକ |
| ୧୦ | କୁମୁଦ ରଞ୍ଜନ ନାୟକ | ୧୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବାରିପଦା |
| ୧୧ | ପଞ୍ଚାନନ ମହାରଣା | ୬୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୧୨ | ସସ୍ମି ସେଠି | ୧୭ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୩ | ବିଭୁଦତ୍ତ ନାୟକ | ୪୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଭୁବନେଶ୍ୱର |
| ୧୪ | ଗୋଲେଖ ନାୟକ | ୨୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୫ | ଅବଦୁଲ ଆବିର | ୪୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କଟକ |
| ୧୬ | କୁନି ଜେନା | ୨୯ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭଦ୍ରକ |
| ୧୭ | ବିଦେଶୀ ପ୍ରଧାନ | ୬୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଗଞ୍ଜାମ |
| ୧୮ | ରବିନ୍ଦ୍ର ମହାରଣା | ୬୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୯ | ଦମୟନ୍ତୀ ବେହେରା | ୩୫ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୨୦ | ରୋସନ ଦିଗଲ | ୧୪ ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ଭୁବନେଶ୍ୱର |



# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ



ପୂର୍ବରୁ ପରେ

୧ ଖୋର୍ଦ୍ଧା ଜିଲ୍ଲାର ୨୨ ବର୍ଷୀୟ ସାଗର ବାରିକଙ୍କର ଜନ୍ମରୁ ଡାହାଣ ହାତରେ ସଂକ୍ରମଣ ହୋଇଥିଲା । ନିରନ୍ତର ଚିକିତ୍ସା ସତ୍ତ୍ୱେ ସଂକ୍ରମଣରୁ ଫୁଲିଯିବା କାରଣରୁ ସେ ଯନ୍ତ୍ରଣାରୁ ମୁକ୍ତି ପାଇପାରିଲେ ନାହିଁ । ଦୁର୍ଭାଗ୍ୟବଶତଃ, ଗତ ନଭେମ୍ବର ମାସରେ, ସଂକ୍ରମଣକୁ ରୋକିବା ପାଇଁ ତାଙ୍କ ହାତ କାଟି ଦିଆଯାଇଥିଲା।

ସାଗର, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶିବ ପ୍ରସାଦ ରାଉତଙ୍କ ମାଧ୍ୟମରେ କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ଜାଣିବା ପରେ ତାଙ୍କୁ ଏକ କୃତ୍ରିମ ହାତ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ଏହାପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ତାଙ୍କୁ କୃତ୍ରିମ ହାତ ଯୋଗାଇ ଦିଆଯାଇଥିଲା।

୨ ଝାରସୁଗୁଡାର ୨୦ବର୍ଷିୟା ତୃପ୍ତିମୟୀ କଳସେ ନିଜ ସାଇକେଲରେ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ନିଆଯାଇଥିଲା, ସେଠାରେ ସେ ଅସ୍ତ୍ରୋପଚାର କରିଥିଲେ, ମାତ୍ର ଏକ ମାସ ପରେ କ୍ଷତ ସଂକ୍ରମଣ ହୋଇଯିବାରୁ ଦୁର୍ଭାଗ୍ୟବଶତଃ, ତାଙ୍କ ଡାହାଣ ଗୋଡ଼ ଆଣ୍ଠୁ ତଳକୁ କାଟି ଦିଆଯାଇଥିଲା।

ସେ ଓଡ଼ିଶା-ମୋ ପରିବାର ଦ୍ୱାରା କୃତ୍ରିମ ଅଙ୍ଗ ଯୋଗାଣ ବିଷୟରେ ଜାଣିବା ପରେ ଯୋଗାଯୋଗ କରିଥିଲେ । ତାଙ୍କୁ ସମ୍ବଲପୁରସ୍ଥିତ ଡ଼ି.ଡ଼ି.ଆର.ସି ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ କୃତ୍ରିମ ଅଙ୍ଗ ପାଇବା ପରେ ସେ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଥିଲେ ।



ପୂର୍ବରୁ ପରେ

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ସେମାନଙ୍କ ମଧ୍ୟରୁ, ମୂତ୍ରାଶୟ କର୍କଟରେ ପୀଡ଼ିତ ନୃସିଂହ ପ୍ରସାଦ, ମସ୍ତିଷ୍କ ଏବଂ ଗଳା କର୍କଟ ରୋଗରେ ପୀଡ଼ିତ ଅକ୍ଷୟ କୁମାର ମହାରଣା ଏବଂ ପାକସ୍ଥଳି କର୍କଟ ରୋଗରେ ପୀଡ଼ିତ ଗୌରିବାଳା ସାହୁଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶ ଏବଂ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରାଯାଇଛି।

ଗତ ସେପ୍ଟେମ୍ବର ମାସରେ ଓଡ଼ିଶା-ମୋ ପରିବାର **୩୩** ଜଣ କର୍କଟ ରୋଗୀଙ୍କୁ ସହାୟତା ଯୋଗାଇ ଦେଇଥିଲା । ଯେଉଁମାନଙ୍କ ମଧ୍ୟରୁ ୨୪ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ୨ ଜଣ ରୋଗୀଙ୍କୁ ଆମ ହେଲ୍ପଡ଼େସ୍କ ସହଯୋଗୀ ଅନଲାଇନ ମାଧ୍ୟମରେ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।


ବିନି ମହାନ୍ତି (44)


ପ୍ରତୀମା ଦେଇ (54)

ଶ୍ରୀମତୀ ବିନି ମହାନ୍ତି ଏବଂ ପ୍ରତୀମା ଦେଇ ଉଭୟ ସ୍ତନ୍ୟ କର୍କଟରେ ପୀଡ଼ିତ ହୋଇ ଯଥାକ୍ରମେ ଭୁବନେଶ୍ୱରର ଆପୋଲୋ ଏବଂ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଚିକିତ୍ସାରେ ସେମାନଙ୍କର କେଶ ଝଡ଼ିଯାଇଥିଲା ତେଣୁ ତାଙ୍କ କୋଣାର୍କ କ୍ୟାନସର ଫାଉଣ୍ଡେସନ ପକ୍ଷରୁ କୃତ୍ରିମ କେଶ ପ୍ରଦାନ କରାଯାଇଥିଲା ।

## ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ପ୍ରକାଶ ବେହେରା



ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ଓଡ଼ିଶା-ମୋ ପରିବାରର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି।

ବିଶାଖାପାଟଣାରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରାଙ୍କୁ ଗତ ମାସର "ଶ୍ରେଷ୍ଠ ହେଲ୍ପଡ଼େସ୍କ ସହଯୋଗୀ" ଆଖ୍ୟା ଦିଆଯାଇଛି। ଗଞ୍ଜାମ, କୋରାପୁଟ, ମାଲକାନାଗିରି, ରାୟଗଡ଼ା ଇତ୍ୟାଦି ଜିଲ୍ଲାରୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଅଧିକାଂଶ ଉନ୍ନତ ଚିକିତ୍ସା ପାଇଁ ବିଶାଖାପାଟଣାର ବିଭିନ୍ନ ଡାକ୍ତରଖାନାକୁ ରେଫର୍ କରାଯାଏ। ସେହି ମାମଲାଗୁଡ଼ିକର ସମାଧାନ ପାଇଁ ପ୍ରକାଶ ଯଥାସମ୍ଭବ ଚେଷ୍ଟା କରନ୍ତି ଏବଂ ଅକ୍ଟୋବର ମାସରେ ସେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ପ୍ରାୟ ୪୦ଟି ମାମଲା ସମାଧାନ କରିଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶରେ ଟ୍ରେନ୍ ଦୁର୍ଘଟଣା ସମୟରେ ସେ ଆହତ ଯାତ୍ରୀ ଏବଂ ସେମାନଙ୍କ ପରିବାରକୁ ମଧ୍ୟରାତ୍ରିରେ ସାହାଯ୍ୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଦୀର୍ଘ ଘଣ୍ଟା ଧରି ରେଳ ଷ୍ଟେସନରେ ଅଟକି ରହିଥିବା ଯାତ୍ରୀମାନଙ୍କୁ ଜନ୍ମସ୍ଥାନକୁ ଫେରିବା ପାଇଁ ମଧ୍ୟ ବ୍ୟବସ୍ଥା କରିଥିଲେ। ।

## ଆମେ ଆପଣଙ୍କ ପାଇଁ ଗର୍ବିତ

## ବୈକୁଣ୍ଠ...



ଓଡ଼ିଶା-ମୋ ପରିବାର ପକ୍ଷରୁ ପ୍ରତ୍ୟେକ ମାସରେ ଜଣେ ହେଲ୍ପଡେସ୍କ ସହଯୋଗୀଙ୍କୁ ତାଙ୍କର ଉକ୍ତ ମାସର କାର୍ଯ୍ୟ ଦକ୍ଷତାକୁ ବିଚାରକୁ ନେଇ ତାଙ୍କୁ ଉପହାର ସ୍ୱରୂପ ଏକ ଛୋଟ ଅର୍ଥ ରାଶି ପ୍ରଦାନ କରାଯାଏ ।

ଅକ୍ଟୋବର ମାସରେ, ଶ୍ରେଷ୍ଠ କର୍ମଚାରୀ ଭାବେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜରେ ଥିବା ଆମର ହେଲ୍ପଡେସ୍କ ସହଯୋଗୀ ଶ୍ରୀ ବୈକୁଣ୍ଠ ମଣ୍ଡଳଙ୍କୁ ପ୍ରଶଂସା ଆକାରରେ କିଛି ଅର୍ଥରାଶି ପ୍ରଦାନ କରାଯାଇଥିଲା କିନ୍ତୁ ସେ ସେହି ପରିମାଣକୁ ନିଜେ ଖର୍ଚ୍ଚ ନକରି କୋରାପୁଟରୁ ସ୍ଥାନାନ୍ତରଣ ହୋଇ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଏକ ଅସହାୟ ରୋଗୀଙ୍କୁ ଦାନ କରିବାକୁ ଅନୁରୋଧ କରିଥିଲେ। ବୈକୁଣ୍ଠଙ୍କର ଏହି ଉତ୍ତମ କାର୍ଯ୍ୟକୁ ସ୍ୱତଃପ୍ରବୃତ ଭାବେ ଆବାହକ ସାଧୁବାଦ ଜଣାଇଛନ୍ତି ଏବଂ ସମସ୍ତ କର୍ମଚାରୀ ଉଚ୍ଚ ପ୍ରଶଂସା କରିଛନ୍ତି । ଆମେ ତାଙ୍କ ଭବିଷ୍ୟତ ପ୍ରୟାସରେ ତାଙ୍କୁ ସଫଳତା କାମନା କରୁଛୁ ।



# ଜୀବନବିନ୍ଦୁ ରକ୍ତଦାନ ଶିବିର


କଟକ


ଯାଜପୁର


ବାଲେଶ୍ୱର


ବରଗଡ଼


ଅନୁଗୋଳ


ରାଉରକେଲା


ଗଞ୍ଜାମ


ଖୋର୍ଦ୍ଧା


ଦେବଗଡ଼


ମୟୂରଭଞ୍ଜ


କେନ୍ଦୁଝର


କଳାହାଣ୍ଡି


ପୁରୀ


ଭଦ୍ରକ


ଜଗତସିଂହପୁର


ସମ୍ବଲପୁର


ଭୁବନେଶ୍ୱର


କେନ୍ଦ୍ରାପଡ଼ା


ବଲାଙ୍ଗିର


ଢେଙ୍କାନାଳ


ସୁନ୍ଦରଗଡ଼


କୋରାପୁଟ


ସୁବର୍ଣ୍ଣପୁର


ଝାରସୁଗୁଡ଼ା


ଗଜପତି


ବୌଦ୍ଧ


ନୂଆପଡ଼ା

# ଜୀବନବିନ୍ଦୁ କାର୍ଯ୍ୟକ୍ରମ

"କରିବା ରକ୍ତଦାନ ବଞ୍ଚାଇବା ଜୀବନ"



# ପ୍ରମୁଖ ଖବରକାଗଜରେ ଓଡ଼ିଶା-ମୋ ପରିବାର

**ସମ୍ବାଦ**

## ଅସହାୟଙ୍କୁ ସାହା ହେଲା 'ଓଡ଼ିଶା ମୋ ପରିବାର'



କଟକ, ୮।୧୦(ଇମିସ): କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ବ୍ଲକ୍ ଜମପଡ଼ା ଗ୍ରାମର ସୋନୁ ଲିମେ ମହାପାତ୍ର ଦୁର୍ଘଟଣାରେ ଆହତ ହୋଇ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବହୁତ ଖରାପ। ଏହି ଖବର ପାଟକୁରା ବିଧାୟକା ସାବିତ୍ରୀ ଅଗ୍ରୱାଲ୍ ଜାଣିବା ପରେ ଦୁର୍ଘଟଣାର ଗାଳାଗେଡ଼ାଙ୍କୁ ବୁଝି ଓଡ଼ିଶା ମୋ ପରିବାର, କଟକ ସିଟି ସଂଯୋଜକ ଡକ୍ଟର ରଞ୍ଜନ କୁମାର ବିଶ୍ୱାଳଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଡକ୍ଟର ବିଶ୍ୱାଳ ତୁରନ୍ତ ଏସ୍‌ସିବି ମେଡିକାଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ତାଙ୍କ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ଉପସ୍ଥିତ ରହି ଶବକୁ ପୁରୀ ସ୍ୱର୍ଗଦ୍ୱାର ପଠାଇବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ୍ ହେଲ୍ପଡେସ୍କ ସଂଯୋଜକ ସନ୍ତୋଷ ଦାସ ଏବଂ ସନ୍ଦୀପ ରଥ ସହଯୋଗ କରିଥିଲେ। ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପାଟକୁରା ବିଧାୟକା ଶ୍ରୀମତୀ ଅଗ୍ରୱାଲ, ଓଡ଼ିଶା ମୋ ପରିବାର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକ, କଟକ ସିଟି ସଂଯୋଜକ ଶ୍ରୀ ବିଶ୍ୱାଳ ଏବଂ ଓଡ଼ିଶା ମୋ ପରିବାର ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି।

**ସମ୍ବାଦ**

## ଅସହାୟଙ୍କୁ ସହାୟତା ଦେଲା ଓଡ଼ିଶା ମୋ' ପରିବାର



**ସକାଳ**

## ଅଙ୍ଗଦାନ ପାଇଁ ପଞ୍ଜୀକରଣ କଲେ ପିଣ୍ଟୁ ନନ୍ଦଙ୍କ ମାଉସୀ



**ସମାଜ**

## ମାସକରେ ୯୦୭ ୟୁନିଟ୍ ରକ୍ତ ସଂଗ୍ରହ



**ସକାଳ**

## ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ



**ସକାଳ**

● ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର

## ବରୀରୁ ୨୦୧ ୟୁନିଟ୍ ରକ୍ତ ସଂଗୃହୀତ



## ଶିବିରରୁ ୧୦୮ ୟୁନିଟ୍ ରକ୍ତ ସଂଗୃହୀତ



**ନିତିଦିନ**

'ଓଡ଼ିଶା-ମୋ ପରିବାର'ର ହସ୍ତକ୍ଷେପ

## ମୃତଦେହ ଛାଡ଼ିଲେ ହସ୍ପିଟାଲ୍ କର୍ତ୍ତୃପକ୍ଷ

**ସମାଜ**

## ଭିନ୍ନକ୍ଷମ ଛାତ୍ର ବିଜୁଙ୍କୁ ଓଡ଼ିଶା-ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରଦାନ



# # ସାମାଜିକ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

**Biju Janata Dal**
@bjd_odisha · Follow

ସଫଳ ହେଉଛି ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ସେବା ମନ୍ତ୍ର, ରକ୍ତଦାନ ନେଇ ବଢ଼ୁଛି ଲୋକମାନଙ୍କ ମଧ୍ୟରେ ଉତ୍ସାହ। ଓଡ଼ିଶା-ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ରାଜ୍ୟରେ ରକ୍ତର ଆବଶ୍ୟକତା ପୂରଣ କରିବା ସହ ବହୁମୂଲ୍ୟ ଜୀବନ ସୁରକ୍ଷିତ କରୁଛି। #OdishaMoParivar




**Biju Janata Dal**
@bjd_odisha · Follow

ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ @Naveen_Odisha ଙ୍କ ଜନ୍ମଦିନ ଉପଲକ୍ଷେ ଧାମନଗରରେ @odishabcjd, @BYJD_Odisha ପକ୍ଷରୁ @MoParivarOdisha @JibanBindu ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରକ୍ତଦାନ ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ରକ୍ତାଭାବ ଦୂର ପାଇଁ ଯୁବ ଛାତ୍ର ଗୋଷ୍ଠୀଙ୍କ ଉଦ୍ୟମ ପ୍ରଶଂସନୀୟ।... Show more


ଓଡ଼ିଶା ମୋ ପରିବାରର ଜୀବନବିନ୍ଦୁ କାର୍ଯ୍ୟକ୍ରମ

**Biju Janata Dal**
@bjd_odisha · Follow

ରକ୍ତାଭାବ ଦୂର କରି ଲୋକଙ୍କ ଜୀବନ ରକ୍ଷା ଲକ୍ଷ୍ୟରେ ତିହିଡ଼ିଠାରେ @BYJD_Odisha ପକ୍ଷରୁ ଆୟୋଜିତ @MoParivarOdisha @JibanBindu ରକ୍ତଦାନ ଶିବିରରେ ୯୪ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସମାଜର କଲ୍ୟାଣ ପାଇଁ ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଯୋଗଦାନ ଉତ୍ସାହପ୍ରଦ। #Odisha


ତିହିଡ଼ି,୨୫।୧୦(ନି.ପ୍ର): ଯୁବ ସମାଜସେବୀ ସ୍ୱର୍ଗତ ଦେବଦତ୍ତ ନାୟକଙ୍କ ସ୍ମୃତିରେ 'ଓଡ଼ିଶା ମୋ ପରିବାର' ଓ 'ଜୀବନ ବିନ୍ଦୁ' ମିଳିତ ଆନୁକୂଲ୍ୟରେ ଯୁବ ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ପାଳିଆବିନ୍ଧା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ୯୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ପାଳିଆବିନ୍ଧା ଓ ନୂଆନନ୍ଦ ପଞ୍ଚାୟତସ୍ତରୀୟ ଏହି ଶିବିରକୁ ଧାମନଗର ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁଧନ୍ୟ ନାୟକ ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ଅତିଥି ଡା ସଞ୍ଜୟ ଦାସ, ପୂର୍ବତନ ତିହିଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଦ୍ୟୁତ୍‌ଲତା ନାୟକ, ଜିଲା ପରିଷଦ ସଭ୍ୟା ସୁଜାତା ପଣ୍ଡା, ସରପଞ୍ଚ ଯଶୋଦା ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ନବକିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଦେବଦତ୍ତ ସ୍ମୃତି ପରିଷଦ ପକ୍ଷରୁ ଗଣେଶ ନାୟକ, ପର୍ଶୁରାମ ନାୟକ, ଦୁଷ୍ମନ୍ତ ନାୟକ, ଶୁଭ୍ରଜିତ ପାଢ଼ୀ, ଅମର ମଲ୍ଲିକ, ତାପସ ଦାସ, ପ୍ରବୀର ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

2:10 PM · Oct 26, 2023

92 Reply Share

Read 9 replies

**Alaka Mohanty**
@Alaka__Mohanty · Follow

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କ ଜନ୍ମ ଦିନ ଅବସରରେ ସ୍ବେଚ୍ଛାକୃତ ରକ୍ତଦାନ କରି ଶୁଭେଚ୍ଛା ଜଣାଇଲେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବାସୀ 🙏
@Naveen_Odisha
@jibanbindu
@MoParivarOdisha




12:39 PM · Oct 17, 2023

24 Reply Share

Read 1 reply

# ଆପଣଙ୍କ ମୁହଁରୁ

ମୋ ମାମୁଁଙ୍କର କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଚିକିତ୍ସା ଚାଲିଥିବା ବେଳେ ପ୍ଲାଟଲେଟର ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ତୁରନ୍ତ ମୋତେ ଏକ ୟୁନିଟ୍ ପ୍ଲାଟଲେଟ ଯୋଗାଡ଼ କରି ଦେଇଥିଲେ ।



ଆଦିରବି ବାରିକ
କୋରାପୁଟ,9937666378

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶୁଭମଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସହିତ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



ସୁମନ୍ତ ମହନ୍ତ
ବାରିପଦା, 9078691887

ମୋର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ମୋତେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷଣରେ ସାହାଯ୍ୟ କରିଥିଲେ ।



ଭୁବନ ପ୍ରଧାନ
ସୁନ୍ଦରଗଡ଼, 8456856336

ମୋ ସ୍ୱାମୀ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ମୁଁ ଓଡ଼ିଶା ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ତୋଷଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମତେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ସହିତ ଘରକୁ ଫେରିବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।



ନିମଣୀ ପ୍ରଧାନ
କେନ୍ଦ୍ରାପଡ଼ା, 9937492754

ମୋ ସ୍ତ୍ରୀ, ଗର୍ଭାଶୟ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସା ନିମନ୍ତେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସା ଚାଲିଥିବା ବେଳେ ତାଙ୍କ ପାଇଁ ଜରୁରୀ ରକ୍ତର ଆବଶ୍ୟକତା ଥିଲା ଏବଂ ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଆଲୋକଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ଉପଯୁକ୍ତ ସମୟରେ ମୋତେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



ବାସୁଦେବ ଖଣ୍ଡାୟତ
ପୁରୀ, 6371214104

ମୋ ପତ୍ନୀଙ୍କୁ ତାଙ୍କର ଡାଏଲିସିସ୍ ପାଇଁ କଟକରେ ଭର୍ତ୍ତି କରାଯାଇଥିଲା ଏବଂ ଚିକିତ୍ସା ସମୟରେ ବିରଳ ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ସନ୍ଦୀପ ରଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ତୁରନ୍ତ ଆବଶ୍ୟକୀୟ ରକ୍ତ ୟୁନିଟ୍ ଯୋଗାଡ଼ କରି ଦେଇଥିଲେ



ଇରଫାନ୍ ଖାନ୍
କଟକ, 70086 77739

ମୋର ପିଠିରେ ଯନ୍ତ୍ରଣା ହେଉଥିବାରୁ ମୁଁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲି । ମୁଁ ହେଲ୍ପଡେସ୍କ ସହଯୋଗୀ ନରେନ୍ଦ୍ରଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏ ମୋତେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଏବଂ ଔଷଧ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ।



ତରଣି ସାହୁ
ବରଗଡ଼, 7682019594

ମୋର ଭାଇଙ୍କୁ ଅସ୍ଥୋପଚାର ପାଇଁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ମୁଁ ପ୍ରକାଶଙ୍କୁ ଧନ୍ୟବାଦ ଜଣାଉଛି ଯିଏ ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସହାୟତା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜ ପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।



ବୁଲୁ ମୁଦୁଲି
କୋରାପୁଟ, 8144497338

ମୁଁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ମୁଁ ହେଲ୍ପଡେସ୍କ ସହଯୋଗୀ ହିମାଂଶୁଙ୍କୁ ଧନ୍ୟବାଦ ଦେବାକୁ ଚାହେଁ, ଯିଏ ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସହାୟତା ଏବଂ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ |



ଲଛମନ ନାଏକ
କଳାହାଣ୍ଡି, 7735283926

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି, ଯେଉଁଠାରେ ମୋ ଗୋଡ଼ରେ ଗଭୀର ଆଘାତ ଲାଗି ମୋ ଗୋଡ଼ କଟା ହୋଇଯାଇଥିଲା । ମୋର ଏକ କୃତ୍ରିମ ଗୋଡ଼ ଆବଶ୍ୟକ ଥିଲା । କ୍ୟାପିଟାଲ୍ ହସ୍ପିଟାଲ, ଏ.ଆର.ସି ମାଧ୍ୟମରେ କୃତ୍ରିମ ଗୋଡ଼ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ଓଡିଶା - ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି ।



ବିଭୁ ପ୍ରସାଦ ମହାରଣା
ପିପିଲି, 6372121084

# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

**ମନସ୍ୱିନୀ ଦାଶ** 8917400700
**ଶ୍ରଦ୍ଧା ସୁଚିସ୍ମିତା** 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

**ମନସ୍ୱିନୀ ଦାଶ** 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

**ମନସ୍ୱିନୀ ଦାଶ** 8917400700
**ମାନସୀ ରାୟ** 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

**ବର୍ଷା ରାଉତରାୟ** 8260112415
**ଶ୍ରଦ୍ଧା ସୁଚିସ୍ମିତା** 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

**ବର୍ଷା ରାଉତରାୟ** 8260112415

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

**ମାନସୀ ରାୟ** 9078151969
**ଶ୍ରଦ୍ଧା ସୁଚିସ୍ମିତା** 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

**ବର୍ଷା ରାଉତରାୟ** 8260112415
**ମନସ୍ୱିନୀ ଦାଶ** 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

**ବିଭୂତି କୁମାର ଭୋଇ** 9040458180



## Helping NROs

Helping out the Kin (Parents/ Children) of Non-Resident Odias relating to sudden health issues & other emergencies through OMP volunteers.

**Manaswini Dash**
8917400700

**Manasi Ray**
9078151969

## BSKY

Helping the BSKY entitled patients to get the treatment in coordination with the empanelled hospitals and sorting technical issues.

**Subrat Patika**
9937699051

**Manasi Ray**
9078151969

## Health Care

### Helpdesks at Hospitals

**SCB Medical, Cuttack**
Sandeep Rath - 9778774777
Santosh Kumar Das - 9861708725

**Capital Hospital, Bhubaneswar**
Alok Ranjan Sahoo - 8114822085
Jyotiranjan Pradhan- 9861306096

**SUM Hospital, Bhubaneswar**
Siba Prasad Rout - 7978736431

**AIIMS, Bhubaneswar**
Somanath Swain - 7205743557

**Hi-Tech Medical, Bhubaneswar**
Bikasha Behera - 6371963897

**D.H.H. Bhawanipatna**
Rosalin Panda - 77490 30470
Himansu Naik - 9178721197

**S.L.N.M.C.H., Koraput**
Baikuntha Mandal - 87637 30587

**MKCG, Berhampur**
Girija Shankar Satpathy-9776878483

**VIMSAR, Burla**
Dhirendra Suna- 8018761060
Narendra Suna- 9337959634

**D.H.H, Puri**
Biswo Bhushan Mohanty- 9337600775

**Visakhapatnam**
Prakash Behera-9701994868

**F.M.M.C.H., Balasore**
Mrutyunjay Maharana-7978562365

**P.R.M.M.C.H., Baripada**
Subham Bhatta -8917361545

**OMP Office Coordinator**
Manaswini Dash - 8917400700

## Jeevan Bindu

Providing rare group blood to needy patients as well as other matters relating to blood donation.

**Rajat Agrawal**
9437067999

**Chitta Ranjan Mishra**
8917400701

## SOS

Attending to emergency calls pertaining to helpless & the distressed.

**Manaswini Dash**
8917400700

**Manasi Ray**
9078151969

## Cancer Care

Providing guidance, navigational & logistical support to cancer patients both locally as well as TMH, Mumbai

**Manasi Ray**
9078151969

**Debashree Das**
7504986342

**Rajat Agrawal**
9437067999

## Twitter Help

Attending to various problems of people through social media

**Manaswini Dash**
8917400700